ପ୍ରମେୟ
ତାରିଖ: ୧୧.୦୮.୨୦୨୬

# ବିଆଇଆଇଟିଏମ୍ ପକ୍ଷରୁ ସ୍ୱାର୍କ-୨୦୨୬




ଭୁବନେଶ୍ୱର,୧୦।୮(ବ୍ୟୁରୋ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜ୍‌ମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍) ପକ୍ଷରୁ ସ୍ୱାର୍କ-୨୦୨୬ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅନୁଷ୍ଠାନର ନୂତନ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ(୨୦୨୬-୩୧) ବ୍ୟାଚ୍ ପାଇଁ ଏହା ତିନିଦିନିଆ ଇଣ୍ଡକ୍ସନ ଏବଂ ଓରିଏଣ୍ଟେସନ କାର୍ଯ୍ୟକ୍ରମ। ଆଇ-ଏମ୍‌ବିଏ ଡିନ୍ ପ୍ରଫେସର ଡ. ଧନଞ୍ଜୟ ବେଉରା ନୂତନ ବ୍ୟାଚ୍‌କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଥିଲେ ସେଞ୍ଚୁରିଆନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜ୍‌ମେଣ୍ଟର ଭାଇସ୍ ଚାନ୍‌ସେଲର ଡ. ସୁପ୍ରିୟା ପଟ୍ଟନାୟକ। ମୁଖ୍ୟବକ୍ତା ଭାବେ ଡ. ଅଭିନାଶ ସାମଲ ଯୋଗ ଦେଇଥିଲେ।

ବିଆଇଆଇଟିଏମ୍‌ର ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଏବଂ ଉତ୍କର୍ଷ ନିମନ୍ତେ ପ୍ରୟାସ କରିବା ଲାଗି ଶପଥ ନେଇଥିଲେ ନୂତନ ଛାତ୍ରଛାତ୍ରୀ। ଅଗଷ୍ଟ ୧୨

## ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ ପାଇଁ ଇଣ୍ଡକ୍ସନ କାର୍ଯ୍ୟକ୍ରମ

ଯାଏ ଏହି ଇଣ୍ଡକ୍ସନ କାର୍ଯ୍ୟକ୍ରମ ଚାଲିବ। କର୍ପୋରେଟ୍ ଟକ୍, ଦକ୍ଷତା ବିକାଶ କର୍ମଶାଳା, ୱେଲ୍‌ନେସ୍ ସେସନ୍, ଆଲୁମ୍‌ନି ଇଣ୍ଟରଆକ୍ସନ, କ୍ୟାମ୍ପସ ଏନ୍‌ଗେଜ୍‌ମେଣ୍ଟ କାର୍ଯ୍ୟକ୍ରମ ଏବଂ ଏକାଡେମିକ୍ ଏକ୍ସପର୍ଟ ଟକ୍ ଆଦି ଏ ଅବସରରେ ହେବ।